# 8th India-Latvia Foreign Office Consultations

November 29, 2022

## ଅଷ୍ଟମ ଭାରତ-ଲାଟଭିଆ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ

**ନଭେମ୍ବର 29, 2022**

ଭାରତ ଏବଂ ଲାଟଭିଆ ମଧ୍ୟରେ 29 ନଭେମ୍ବର 2022 ରେ ନୂଆଦିଲ୍ଲୀରେ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଭାରତ ପକ୍ଷରୁ ବୈଦେଶିକ ବ୍ୟାପର ମନ୍ତ୍ରଣାଳୟର ସଚିବ (ପଶ୍ଚିମାଞ୍ଚଳ) ଶ୍ରୀ ସଞ୍ଜୟ ବର୍ମା ନେତୃତ୍ୱ ନେଇଥିଲେ। ଲାଟଭିଆ ପକ୍ଷରୁ ଲାଟଭିଆର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ରାଷ୍ଟ୍ର ସଚିବ ଶ୍ରୀ ଆଣ୍ଡ୍ରିସ୍ ପେଲ୍ସ ନେତୃତ୍ୱ ନେଇଥିଲେ।

2. ଭାରତ ଏବଂ ଲାଟଭିଆ ମଧ୍ୟରେ ଐତିହାସିକ ଓ ସାଂସ୍କୃତିକ ସଂଯୋଗ ସହିତ ଉଷ୍ମ ଓ ନିବିଡ ସମ୍ପର୍କ ରହିଆସିଛି ଏବଂ ସମ୍ପ୍ରତି ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ପ୍ରତିଷ୍ଠା ହେବାର 30 ବର୍ଷ ପୂର୍ତ୍ତି ହୋଇଛି। ଏହି ବିଚାର ବିମର୍ଷରେ ଦ୍ୱିପାକ୍ଷିକ ଯୋଗଦାନର ସମୀକ୍ଷା କରାଯାଇଥିଲା ଏବଂ ପାରସ୍ପରିକ ସ୍ୱାର୍ଥର ଆଞ୍ଚଳିକ ଓ ଆନ୍ତର୍ଜାତିକ ପ୍ରସଙ୍ଗ ଉପରେ ମତ ବିନିମୟ ହୋଇଥିଲା।

3. ଉଭୟ ପକ୍ଷ ରାଜନୈତିକ, ଅର୍ଥନୈତିକ, ବାଣିଜ୍ୟିକ, କନସୁଲାର ଏବଂ ସାଂସ୍କୃତିକ ସଂଯୋଗ ସମେତ ଦ୍ୱିପାକ୍ଷିକ ସମ୍ପର୍କର ସମସ୍ତ ଦିଗ ଉପରେ ଆଲୋଚନା କରିଥିଲେ। ଭାରତ-ପ୍ରଶାନ୍ତ ମହାସାଗର ଅଞ୍ଚଳ, ଭାରତର ପଡୋଶୀ ଅଞ୍ଚଳ, ଇୟୁ, ୟୁକ୍ରେନ ବିବାଦ, ଜାତିସଂଘ ସମେତ ବହୁପକ୍ଷୀୟ ମଞ୍ଚରେ ସହଯୋଗ ଏବଂ ୟୁଏନଏସସି ସଂସ୍କାର ସମେତ ଆଞ୍ଚଳିକ ତଥା ବୈଶ୍ୱିକ ପ୍ରସଙ୍ଗରେ ଉଭୟ ପକ୍ଷ ମତ ବିନିମୟ କରିଥିଲେ।

4. ଉଭୟ ପକ୍ଷ ପାରସ୍ପରିକ ସୁବିଧାଜନକ ତାରିଖରେ ରିଗାଠାରେ ପରବର୍ତ୍ତୀ ପର୍ଯ୍ୟାୟ ବିଚାର ବିମର୍ଷ ଆୟୋଜନ କରିବାକୁ ରାଜି ହୋଇଥିଲେ।

**ନୂଆଦିଲ୍ଲୀ**

**ନଭେମ୍ବର 29, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.